# CHIRANTANA

# ଚିରନ୍ତନ



ସଂଖ୍ୟା ୪୫, ଅକ୍ଟୋବର୍ ୩୧, ୨୦୨୦








Jagannath Organization for Global Awareness (JOGA)
Issue No: 45, October 31, 2020
http://www.jogaworld.org

## Contents


| Article | Author | Page No |
|---|---|---|
| Bhagabat Gita | JOGA Report | 2 |
| କରୋନା ପରିସ୍ଥିତି ଓ ଜଗନ୍ନାଥଙ୍କ ପୂଜା | Editorial | 3 |
| ମହାବାହୁ····ଅଖିଳ ଜଗତନାଥ | ଗୌରଚରଣ | 4 |
| ସଜନୀରେ କାହିଁ ଗଲେ ଶ୍ୟାମ | ଗଣେଶ ମହାପାତ୍ର | 4 |
| Upcoming Programs by JOGA | JOGA Report | 5 |
| Recently Completed Programs by JOGA | JOGA Report | 5 |
| Laxmi Puja, Durga Puja in Cooksville Temple | JOGA Report | 5 |
| Rathayatra – Hindu Temple & Cooksville Temple | JOGA Report | 7 |
| Snana Yatra – Cooksville Temple | JOGA Report | 10 |
| Holi - Cooksville Temple | JOGA Report | 10 |
| Monthly Bhajan Program News | JOGA Report | 12 |
| Odia Poetry Reading | JOGA Report | 13 |
| Poems/Stories/Essays | | 16 |
| Are you stuck? | Brahmapriya Sen | 16 |
| ଏ'ଥର ରଥଯାତ୍ରା | ଶଶଧର ମହାପାତ୍ର | 17 |
| ତୁମେ ମୋର ବନ୍ଧୁ ଏକା, ଆଉ ଆନ ନାହିଁ | ବିଜ୍ଞାନୀ ଦାସ | 18 |
| Rathayatra 2019 Sponsors | Radhakrishna Pattnaik/Naresh Das | 19 |
| Bhajan Program: Status & Sponsors | JOGA Report | 20 |
| Wise Thoughts | JOGA Report | 20 |
| Unmochana – Odia Poems from Poetry Reading Events | Manoj Panda, Jhinu Chhotray, Sikhanda Satapathy, Sulochana Pattanaik, Bigyani Das, Devaraj Sahu, Anjana Chowdhury, Babru Samal | 21 |


**Bhajan Schedule: Third Saturday of every month***
Place: Hindu Temple, 10001 Riggs Road, Adelphi, MD 20783 (Tel: 301-445-2165)
6:00 –9:00 PM Bhajan, Philosophiccal Discussion, Arati, and Prasad
**(During this time of covid-19 pandemic, bhajan is being held at 4 PM every 3rd Saturday)**

### Chirantana Info:

Chirantana is the bi-annual newsletter of Jagannath Organization for Global Awareness (JOGA). Chirantan is published in February and August months of every year.

### Editor: Dr Bigyani Das

**Deadlines:** Religious, philosophical and educational articles are invited from the authors by January 15 and July 15 of every year for February and August issues respectively. All submissions are subject to review.

## Bhagabat Gita: The Sacred Hindu Scripture




ନ ପ୍ରହୃଷ୍ୟେତ୍ପ୍ରିୟଂ ପ୍ରାପ୍ୟ ନୋଦ୍ବିଜେତ୍ପ୍ରାପ୍ୟ ଚାପ୍ରିୟମ୍
ସ୍ଥିରବୁଦ୍ଧିରସମ୍ମୂଢୋ ବ୍ରହ୍ମବିଦ୍ବ୍ରହ୍ମଣି ସ୍ଥିତଃ ॥୫-୨୦॥

ଏହି ଶ୍ଳୋକଟି ଭଗବଦ୍ ଗୀତାର **ପଞ୍ଚମ ଅଧ୍ୟାୟରେ ବିଂଶତମ ପଂକ୍ତିରେ** ବର୍ଣ୍ଣନା କରାଯାଇଛି । ଶ୍ରୀ ଭଗବାନ କହିଲେ, "ଯିଏ ପ୍ରିୟକୁ ପାଇ ହର୍ଷିତ ହୁଏ ନାହିଁ ଏବଂ ଅପ୍ରିୟକୁ ପାଇ ଉଦ୍ବିଗ୍ନ ହୁଏ ନାହିଁ, ସେଇ ସ୍ଥିର ବୁଦ୍ଧିଯୁକ୍ତ, ମୂଢତାରହିତ ବ୍ରହ୍ମଜ୍ଞ ମଣିଷ ବ୍ରହ୍ମରେ ସ୍ଥିତ ଅଟେ ।"

na prahrishyetapriyam praapya nodvijetpraapya chaapriyam |
sthirabuddhirasammoodho brahmavid brahmani sthitaa || 5-20 ||

He who knows Brahman (individual self) and abides in Brahman, whose mind is steadfastly on the self and undeluded by the body consciousness - he neither rejoices at gaining what is pleasant, nor grieves on obtaining what is unpleasant.

# କରୋନା ପରିସ୍ଥିତି ଓ ଜଗନ୍ନାଥଙ୍କ ପୂଜା

ବିଜ୍ଞାନୀ ଦାସ

ଦୀର୍ଘ ପାଞ୍ଚ ବର୍ଷର ପ୍ରତୀକ୍ଷା ପରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପ୍ରତିଷ୍ଠା ହେଲା । ସିଏ ପୁଣି ସେ ଅସ୍ଥାୟୀ ଗ୍ୟାରେଜ୍ ଘରେ । ପୂଜା ଯଦିଓ ଉତ୍ତମ ରୂପେ ହୋଇଥିଲା, ତେବେ ଅନେକଙ୍କ ମନରେ କିନ୍ତୁ ରହିଯାଇଥିଲା । ଏବେ ବ୍ରାହ୍ମଣ ତ ନାହାନ୍ତି । ଜଗନ୍ନାଥଙ୍କ ପୂଜା କିଏ କରିବ? ଚାରି, ପାଞ୍ଚ ଜଣ ସ୍ୱେଚ୍ଛାସେବୀ ସେ ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତିବଦ୍ଧ ହେଲେ । ସେଇଟା ଏତେ ସହଜ ନଥିଲା । ବିଶେଷତଃ ସପ୍ତାହର କର୍ମମୟ ପାଞ୍ଚଦିନରେ ନିଜ ବ୍ୟବସାୟିକ କାମ ପରେ ଆସି ଠାକୁରଙ୍କ ପୂଜା କରିବା ନିତିଦିନିଆ ଜୀବନଧାରାରେ ଅଧିକ ଶ୍ରମ ଯୋଗ କରିଦେଇଥିଲା । ଏମିତି ଜୀବନଚର୍ଯ୍ୟା ଚାଲିଥିଲା । ମନ୍ଦିର ପାଇଁ ପୂଜକ ଖୋଜା ଚାଲିଥିଲା । କେଉଁଠି ଅନେଇ ରହିଥିଲା କେଜାଣି ପହଞ୍ଚିଗଲା କରୋନା ମହାମାରୀ । ମେରୀଲାଣ୍ଡ୍‌ରେ ଠିକ୍ ମାର୍ଚ୍ଚମାସରେ ତାର ଲୀଳା ଆରମ୍ଭ କରିଦେଲା । ଯଦିଓ ମହାମାରୀକୁ ସେତେଟା ନଡରି ମାର୍ଚ୍ଚ ୮ ତାରିଖରେ ସେଇ ଗ୍ୟାରେଜ୍ କୋଠରିରେ ସ୍ଥାପିତ ଜଗନ୍ନାଥଙ୍କ ମନ୍ଦିରରେ ହୋରି ପାଳନ କରାଗଲା ଓ ଡକ୍ଟର୍ ଜ୍ଞାନେନ୍ଦ୍ର ମହାପାତ୍ର ଆସି ବୈଦିକ ପଦ୍ଧତି ସମ୍ବନ୍ଧରେ ତାଙ୍କର ମତାମତ ପ୍ରଦାନ କରିଥିଲେ, ତେବେ ଅଳ୍ପଦିନ ମଧ୍ୟରେ ସବୁକିଛି ବଦଳିଗଲା । ମାର୍ଚ୍ଚ ୧୪ ତାରିଖରେ ହିନ୍ଦୁ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ହୋରି ଉତ୍ସବ ସ୍ଥଗିତ କରିବାକୁ ପଡିଲା । ମେରୀଲାଣ୍ଡ୍ ଲକ୍‌ଡାଉନ୍ ହୋଇଗଲା । ସ୍କୁଲ୍, କଲେଜ୍, ରେଷ୍ଟୁରାଣ୍ଟ୍, ମନ୍ଦିର, ଚର୍ଚ୍ଚ, ମସ୍‌ଜିଦ୍ ସବୁ ବନ୍ଦ । ହିନ୍ଦୁ ମନ୍ଦିରରେ ପ୍ରତି ମାସରେ ହେଉଥିବା ଜଗନ୍ନାଥ ପୂଜା ଓ ଓଡିଆ ଭଜନ ବନ୍ଦ ହୋଇଗଲା । ସେ କାଉଣ୍ଟିରେ କରୋନା ସଂଖ୍ୟା ଦ୍ରୁତଗତିରେ ବଢୁଥିଲା । କୁକ୍‌ସ୍‌ଭିଲ୍‌ର ମନ୍ଦିରକୁ ପ୍ରତି ରବିବାର କେବଳ ଦୁଇଜଣ ଭକ୍ତ ଆସି ସେବାପୂଜା କରୁଥିଲେ ଓ ଅନ୍ୟଦିନ ଯିଏ ଯାହା ଦାୟିତ୍ୱ ନେଇଥିଲେ ପାଳି କରି ନିଜ କର୍ତ୍ତବ୍ୟ ସଂପାଦନ କରୁଥିଲେ । ସ୍ନାନଯାତ୍ରା ଓ ରଥଯାତ୍ରା ସେମିତି ଅଳ୍ପକିଛି ଭକ୍ତଙ୍କୁ ନେଇ କୁକ୍‌ସ୍‌ଭିଲ୍ ମନ୍ଦିରରେ ଓ ହିନ୍ଦୁ ମନ୍ଦିରରେ ପାଳନ କରାଗଲା । ଧୀରେଧୀରେ ଆଉ କିଛି ଭକ୍ତ ପରିବାର ଯିବାଆସିବା କରିବାରେ ଲାଗିଲେ । କରୋନାର ପ୍ରକୋପ ଜାରି ରହିଥିଲା । କିନ୍ତୁ କରୋନା ସମ୍ବନ୍ଧରେ ଜ୍ଞାନ ବୃଦ୍ଧି ପାଇଥିବାରୁ ସଂକ୍ରମଣ ସମ୍ବନ୍ଧୀୟ ସମସ୍ତ ସତର୍କତା ଅବଲମ୍ବନ କରି ଜଗନ୍ନାଥଙ୍କର ଛୋଟବଡ ସମସ୍ତ ଉତ୍ସବ ପାଳନ କରାଯାଉଥିଲା । ଯେଉଁମାନେ ଆସୁଥିଲେ, ସେମାନେ ମୁଖା ପିନ୍ଧୁଥିଲେ । ପରସ୍ପର ଠାରୁ ଦୂରତା ରକ୍ଷା କରି ବସୁଥିଲେ ଓ ଅନ୍ୟାନ୍ୟ ସତର୍କତା ଯଥା ହାତ ସଫା କରିବାକୁ ସାନିଟାଇଜର୍‌ର ବ୍ୟବହାର ଓ ମନ୍ଦିର ମଧ୍ୟରେ ଗୀତ ଗାଇବାର ନିୟନ୍ତ୍ରଣ ଜାରି ରଖିଥିଲେ ।

ଏମିତି ଜୀବନ ଚାଲୁଥିଲା ଓ ଚାଲିଛି । ହିନ୍ଦୁ ମନ୍ଦିରର ମାସିକ ଭଜନ ପରିବର୍ତ୍ତେ ଏବେ ଭଜନ ଜୁମ୍‌ରେ କରାଯାଉଛି । ପ୍ରଥମେ ୱେବ୍‌ଏକ୍‌ସ୍‌ରେ କରାଯାଉଥିଲା । ହେଲେ ସେଥିରେ ଗୀତ ପରିବେଷଣ କରିବାରେ ବିଘ୍ନ ପରିଲକ୍ଷିତ ହେବାରୁ ପରିଶେଷରେ ଜୁମ୍‌କୁ ମାଧ୍ୟମ ରୂପେ ପ୍ରୟୋଗ କରାଗଲା । ସେ ଜୁମ୍ ମାଧ୍ୟମରେ ବିଶେଷ ପୂଜା ସମସ୍ତ ମଧ୍ୟ ଅନ୍‌ଲାଇନ୍‌ରେ କରାଯାଉଥିଲା । ବେଳେବେଳେ ରବିବାର ଅପରାହ୍ନ ମାନଙ୍କରେ ଭଜନ କରାଯାଉଥିଲା ଓ ସମୟସମୟରେ ଅନ୍ୟ ଭାରତୀୟ ଗୋଷ୍ଠୀମାନେ ମଧ୍ୟ ରବିବାର ଭଜନ ପ୍ରୋଗ୍ରାମ୍‌ରେ ଯୋଗଦାନ କରୁଥିଲେ ।

ଏ କରୋନା ମହାମାରୀର ପ୍ରକୋପ ତଥାପି ଜାରି ରହିଛି । ସମସ୍ତଙ୍କର ନିତିଦିନିଆ ଜୀବନଚର୍ଯ୍ୟାରେ ଅନେକ ପରିବର୍ତ୍ତନ ଆସିଛି । ଲୋକମାନେ ପ୍ରାୟତଃ ନିଜନିଜର ଘରେ ଆବଦ୍ଧ । ତା' ଭିତରେ କୁକ୍‌ସ୍‌ଭିଲ୍‌ରେ ଜଗନ୍ନାଥଙ୍କ ପୂଜା ସେମିତି ଅଳ୍ପ ସଂଖ୍ୟକ ଭକ୍ତମାନଙ୍କୁ ନେଇ ଚାଲିଛି । ହେଲେ ହିନ୍ଦୁ ମନ୍ଦିରର ଜଗନ୍ନାଥଙ୍କ ଦାୟିତ୍ୱ ହିନ୍ଦୁ ମନ୍ଦିରର ପୂଜକମାନେ ହିଁ ସମ୍ଭାଳୁଛନ୍ତି । ଆମ ଓଡିଆ ମାନଙ୍କର ଭଜନ ମିଳନୀ ଆଉ ସେଠି ହୋଇ ପାରୁନାହିଁ ।

ଆମେମାନେ ସମସ୍ତେ ସେ ଠାକୁରଙ୍କୁ ଡାକି ପ୍ରତୀକ୍ଷା କରି ରହିଛୁ । ସେ ସୂତ୍ରଧରଙ୍କ ମାୟା ବୁଝିବା ଅତ୍ୟନ୍ତ କଠିନ । ଏବେ କୁକ୍‌ସ୍‌ଭିଲ୍‌ର ଜଗନ୍ନାଥ ମନ୍ଦିରରେ ପୁରୁଣା ହିନ୍ଦୁ ମନ୍ଦିରରେ ପୂଜା ପାଉଥିବା ଓ ନୂଆ ହିନ୍ଦୁ ମନ୍ଦିରରେ ଷ୍ଟୋର୍‌ରୁମ୍‌ରେ ରହିଥିବା ମହାଦେବଙ୍କ ମୂର୍ତ୍ତି ଆସି ସ୍ଥାପିତ ହେଲେଣି । ତେବେ ଦେଖାଯାଉ ହୁଏତ ଖୁବ୍ ଶୀଘ୍ର ଜଗନ୍ନାଥ ତାଙ୍କ ପତ୍ନୀ ଧନର ଦେବୀ ମା' ଲକ୍ଷ୍ମୀଙ୍କୁ ନିଜ ପାଖକୁ ଡକାଇବେ ଓ ତାଙ୍କ ପାଇଁ ମନ୍ଦିର ତିଆରି କରିଦେବାକୁ ସୁଯୋଗ ଦେବେ ।

## ମହାବାହୁ····ଅଖିଳ ଜଗତନାଥ

ଗୌରଚରଣ

ମହାବାହୁ····
ଅଖିଳ ଜଗତନାଥ
ତୁମେ ଥାଉଥାଉ କାହା ପାଦତଳେ
ଲୋଟାଇବି ମୋର ମାଥ ମହାବାହୁ
ଲୋଟାଇବି ମୋର ମାଥ ।

ଲାଜମାଡେ ଏଥିପାଇଁ ମହାବାହୁ
ଲାଜମାଡେ ଏଥିପାଇଁ
ଇତରମାନଙ୍କୁ ହାତ ମଳିବି କି
ତୁମ୍ଭଙ୍କୁ ଛାଡି ଗୋସାଇଁ ମହାବାହୁ
ତୁମ୍ଭଙ୍କୁ ଛାଡି ଗୋସାଇଁ ।

ଭଲେ ଅବଧାନ କର ମହାବାହୁ
ଭଲେ ଅବଧାନ କର
ତୁମ୍ଭ ବାହାରେ କେ ବଡ ଜଣେ ଅଛି
ତାଆଗେ ଯୋଡିବି କର ମହାବାହୁ
ତାଆଗେ ଯୋଡିବି କର ।

ତୁମ୍ଭେ ତ ବିଚିତ୍ରକର୍ମା ମହାବାହୁ
ତୁମ୍ଭେ ତ ବିଚିତ୍ରକର୍ମା
ଆଉ ମୁଁ ସଂସାରେ କାହାକୁ କିଂପାଇଁ
ବୋଲିବି ବାବୁ ମଣିମା ମହାବାହୁ
ବୋଲିବି ବାବୁ ମଣିମା ।

ମୋତେ ମାଗି ଆସେ ନାହିଁ ମହାବାହୁ
ମୋତେ ମାଗି ଆସେ ନାହିଁ
ତୁମ୍ଭ କୃପା ଭିକ୍ଷା ବିନୁ କାହା ଦ୍ୱାରେ
ଯାଚକ ହୋଇବି ଯାଇ ମହାବାହୁ
ଯାଚକ ହୋଇବି ଯାଇ ।

ଏ ଜୀବନ ଗଲେ ଯାଉ ମହାବାହୁ
ଏ ଜୀବନ ଗଲେ ଯାଉ
ଗଉରଚରଣ ପଦ ଶ୍ରୀଚରଣେ
ଛାୟାକୁ ତକାଇ ଥାଉ ମହାବାହୁ
ଛାୟାକୁ ତକାଇ ଥାଉ ।

## ସଜନୀରେ କାହିଁ ଗଲେ ଶ୍ୟାମ

ଗଣେଶ ମହାପାତ୍ର

ସଜନୀରେ କାହିଁ ଗଲେ ଶ୍ୟାମ
  ସତେକି ବିଧି ହେଲା ବାମ ।

କହିତ ସେ ଥିଲେ ଲେଉଟିବେ ବୋଲି
ମଥୁରା ଯାଇକି ସବୁ ଗଲେ ଭୁଲି
କହିତ ସେ ଥିଲେ ଲେଉଟିବେ ବୋଲି
ମଥୁରା ଯାଇକି ସବୁ ଗଲେ ଭୁଲି
ଏତିକି କପଟୀ ନାହିଁ ଲୋ ସରମ ।
ସଜନୀରେ କାହିଁ ଗଲେ ଶ୍ୟାମ ··········

କାନ୍ଦି ଲୋଟେ ରାଧା ଏକା ବୃନ୍ଦାବନେ
ବିରହ ବିଧୁରା କହ୍ନାଇ ବିହୁନେ ।
କାନ୍ଦି ଲୋଟେ ରାଧା ଏକା ବୃନ୍ଦାବନେ
ବିରହ ବିଧୁରା କହ୍ନାଇ ବିହୁନେ ।
ଝରାଏ ଲୋତକ ବାହୁନି ସେ ନାମ
ଝରାଏ ଲୋତକ ବାହୁନି ସେ ନାମ

ସଜନୀରେ କାହିଁ ଗଲେ ଶ୍ୟାମ ·········

# Upcoming Programs by JOGA

### Special Poetry Reading Event on Saturday, December 5 (through ZOOM)

A sepecial winter poetry reading event will take place on Saturday, December 5 through zoom. The theme is kept as "Thanks" or "Dhanyabada". The poem can be on appreciation of anything, a person, place, or thing.

### Chhapana Bhoga Offering and Mahamantra Chanting, December 20, 2020

This year because of the corona pandemic mahamantra chanting and chhapana-bhoga offering will not be held in Hindu Temple. Instead this will take place in the Cookesville temple on December 20, 3rd Sunday of December.

### Holi 2021, March 27, 2021

Holi will be celebrated on Saturday, March 27, 2021. Detail announcements will be shared through emails. Depending on the status of corona pandemic, the place and actual time will be determined.

### Sunday Services at Cooksville Temple

Puja and prayer services will continue at Cooksville temple every Sunday from 4-6 PM. Detail information on online link and on-site activity will be shared through the JOGA mailing list and WhatsApp group.

### Special Puja and Rituals at Cooksville Temple

Special puja and rituals at Cooksville temple will be communicated through JOGA mailing list and WhatsApp group.

# Reports on Recently Completed JOGA Events

### October, Laxmi Puja in Cooksville Temple (October 31, 2020)

Kumar Purnami is the unique Odia festival. This is famous for the unmarried girls who keep fasting and perform puja to get a handsome husband. The other aspects of the Kumar Purnami is "Gajalaxmi Puja" which is celebrated with pump and glamour, with overnight jatra, pala, puja, mela and festivities. Cooksville temple celebrated this event with a few families and Laxmi Puja was conducted by Pratap Dash.

### October, Durga Puja in Cooksville Temple (October 24-25, 2020)

Durga puja was held in Cooksville temple for two days in October 24-25, 2020. Pratap Dash performed puja. Sagarika Patnaik and Sikha Sen decorated the puja medha and Bijoylaxmi Dash supported in puja arrangements. Other volunteers contributed in bhoga preparations, Kalasha sponsorship as well as in supporting activities.



## Donor Appreciation and Puri Gajapati Ji's Talk (September 27, 2020):

A special celebration day was observed on September 27 to appreciate donors of this year for the Jagannath Temple activities. With the generosity of the donors, the temple land loan was paid off substantially.

To commemorate this occasion, a special presentation by Puri King Dibyasingh Dev was arranged through zoom. After his presentation, a question-answer session was held being facilitated by Dr Sagarika Pattnaik. Some devotees from other countries also joined the event.

## Rathayatra (Chariot Festival) on June 23, 2020 (At Cooksville Temple)
## (Report by Arati Biswal)

In-spite of these seemingly unsurmountable odds of COVID-19 pandemic and Lockdown Guidelines, the great event of Rath yatra happened successfully on actual rath jatra day June 23rd 2020, in Jagannath temple of north America at 2028 Millers Mill Rd, Cooksville, MD .



Rath Yatra is the celebration of the devotion, universal brotherhood, cultural diversity and spiritual cordiality. This year the Lord Himself made His Ratha Yatra happen.

Celebration started from 5pm beginning with puja-archana dedicated to Shri Balabhadra, Devi Subhadra and Shri Jagannatha. The Customary

“Chappan Bhoga” which includes 56 odia delicacies was offered to the deities along with the humble prayers at the Lotus Feet of the Lord to rid humanity of this dreadful COVID-19 and to restore normalcy and well-being in the lives of people around the world.



The procession of deities(Pahandi) started with the eldest in the family, Shri Balabhadra, which was followed by Devi Subhadra and finally shri Jagannath.The ceremonial sweeping ( Chhera Pahanra) took place followed by chariot pulling where ratha was rotating on its own axis while travelling(doing parikrama) on the temple premises.

As the sun was setting with the sanguine hue in the sky the Maha Aarati was performed, thus bringing close to yet another eventful and fulfilling Rath yatra.

Virtual link and facebook event were organized to broadcast livestream Rath yatra celebration and Divya Darshan of the Mahaprabhu. Devotees from various states of USA were able to join and offer their prayer and pushpanjali at His Lotus Feet.

For more information and interesting facts please check us at our website www.jtna.org . we are also on facebook at facebook.com/jogaworld.

## Rathayatra at Hindu Temple (June 27, 2020)

Rathayatra at Hindu temple was held on June 27, 2020. Ratha puja was performed by the temple priests. The chariot pulling started at 11 AM. Only 6-7 Odia families and some temple devotees participated in the event. The chariot pulling was held inside the temple complex.









Rathayatra cultural program was held through zoom on June 28 at 4 PM. The cultural activities were coordinated by Maushumi Pattnaik, Deepa Parija, Sikha Sen and Nirlipta Daschaudhury. Dr Ashutosh Dutta supported in managing the program flow through zoom. Irrespective of the challenges, the program participants performed well by adapting to home environment set-up.

**Program Sequence**

1. Program Introduction
2. Gitagobinda Bhajan – Debaki Nandan Chowdhury
3. Odissi Dance: Shiva Tandaba – Advika and Ritisha Dixit
4. Bhajan by Aaradhya Pradhan - Sakhigo Mora Kunjaku Aja
5. Bhajan by Ayan Biswal - Dinabandhu Daitari
6. Odissi by Simoni Mishra - Mohana Pallabi
7. Bhajan by Sulagna and Subham Dash - Ahe Nila Saila and A Rathyatra Song
8. Bhajan by Yash Sahoo
9. Odissi by Suchismita Ojha - Saberi Pallabi
10. Bhajan by Sohum and Sreyam Mishra Sen – Sanja Sakale
11. Classical Song by Spandan and Sauman Das
12. Odissi Astapadi Lalita Labanga Lata by Manaswee Mishra
13. Padmashri Haladhar Nag – Presented by Balakrishna Dixit
14. Bhajan by Surajita Mishra
15. Bhajan by Subhalaxmi Pratihari
16. Bhajan by Maushumi Pattanaik
17. Bhajan by Deepa Das
18. All Participants Pictures and Concluding Remarks by JOGA


Zoom Meeting
Turn on Original Sound
Recording...
Total non-video participants: 6
Nrusingh Biswal
Ajit's iPad
Balakrishna Dixit
Ashutosh Dutta
Subhalaxmi Pratihari
Dhruv Das
Anuradha's iPhone
Yash Sahoo
Maushumi
iPhone
Mitu
Manaswee Mishra
surajita
Mute
Start Video
Security
Participants
Chat
Share Screen
Pause/Stop Recording
Reactions
More
Type here to search


Zoom Meeting
Turn on Original Sound
Recording...
Total non-video participants: 11
Speaker View
Nrusingh Biswal
JOGA Events
bimal
Ajit's iPad
iPhone
surajita
Maushumi
Dhruv Das
Mitu
Subham Dash
Ashutosh Dutta
Pinky Das
Subhalaxmi Prati...
Manaswee Mishra
iPhone
Yash Sahoo
Simoni Mishra
Aaradhya Pradh...
Balakrishna Dixit
Manoj Mishra
Participants (31)
Find a participant
Ajit's iPad
Anik Mahakud
Anu Biswal
Anuradha's iPhone
Bijaylaxmi Dash
bimal
Dipti Kar
Gyan's iPad
iPhone
iPhone
Manaswee Mishra
Manoj Mishra
Naresh Das
Invite
Mute All
Mute
Stop Video
Security
Participants
Chat
Share Screen
Pause/Stop Recording
Reactions
More
End
Type here to search
5:26 PM
6/28/2020

## Snana Jatra on June 6, 2020 (At Cooksville Temple)

Snana Purnima was observed on June 6, Saturday. The weather was good. With participation of a few devotees, the puja was performed by Nrusingha Chaitanya prabhuji. WebEx link was provided to devotees to view the deity puja live.

We thank following sponsors for snana jatra celebration.

1. Gyana and Sujata Bohidar, VA
2. Jhinu and Santanu Chottray, VA
3. Prafulla and Sangeeta Nayak, VA



## Report on Holi on March 8, 2020 (Cookesville Temple)

Holi melana was organized in small scale on March 8 at Cooksville temple. The planned celebration at Hindu temple on March 14 was postponed because of corona pandemic related restrictions imposed by the state government. After the puja and procession, devotees did arati of the deities. By this time

everybody was aware of the corona virus affecting a few Maryland residents. The devotees played color with each other still maintaining certain distance criteria.

After the melana and Arati, Dr Gyana Mohapatra gave a lecture on meditation. He also described his journey through vedic knowledge and traditions.







## Monthly Bhajan Program News

The state government put restrictions on gatherings and social events because of corona pandemic from March 2020 and the state of the pandemic has not improved so far. The vaccines are not available, and the businesses are not fully opened. Our monthly bhajan programs are held online from the month of April. Initially it started on Sundays coinciding with the Sunday service at Cooksville temple. Then we made it standard to hold on 3rd Saturdays of every month at 4 PM.










For the months of April and May, the bhajan program was held through WebEx. Then we explored zoom and switched all the events to zoom events.

# Odia Poetry Reading

## Bisuba Milana Poetry Reading: April 18, 2020

Cherry flowers bloomed. Yet, the cherry blossoms festival was cancelled and there were very few visitors visiting this magnificent change of the nature from winter to spring. The writers and poets of the community were looking forward for the Bisuba Milana poetry reading session that was planned to be held on April 11 at the residence of Manoj and Meeta Panda. However, corona virus situation changed every routine, every plan, and every aspiration. By this time, we were not very used to online medium usage for events. We purchased monthly subscription from WebEx and conducted some tests. Then had the Bisuba Milana poetry reading on Saturday, April 18. There was a good number of participants and a mixture of poems, both original as well as poems of other writers were read.



The participants were:
Maushumi Pattnaik (Bande Utkala Janani)
Devraj Sahu (Verbotten – meaning forbidden – original writing)
Babru Samal (Abanchhita Basanta – original)
Manoj Panda (Nishanka Rahare Mana, Nirbhaya Raha – original)
Jhinu Chhotray (Aainaa – original)
Binod Nayak (Janani Go Ma – by Laxmidhar Nayak)
Sikhanda Satapathy (ekanta murta – original)
Bigyani Das (He Jagannatha tuma charana tale – original)
Anu Biswal (Growing up by Kaya Biswal)
Sobhana Das (nari – by a friend)
Nrusingha Mishra (Malika Bachana by Achyutananda Das)
Ayan Biswal (ehi mora jagannatha)
Joy Gopal Mohanty (Listener)

Dr Ajit Das gave some information on how to take precautions during the pandemic. Dr Surendra Ray talked about how to help Odisha to recover from pandemic. In April, India was doing very well and there were minor cases of corona virus. In this regard, Sobhana Das read another poem she got through WhatsApp (Ama Odisha) which was mostly criticism of western lifestyle and praising of simple rural Odisha lifestyle which can provide better protection from corona virus.

Everybody was happy of meeting each other online and having some socialization time. Being confined at home for long time was not fun at all. Pictures of the event are available at https://www.babru.com/Bishubha20/

## Fall Poetry Reading: October 10,2020

The season changed. Spring left and summer arrived. Summer left and the fall season arrived with corors everywhere. Our poetry reading every year has two schedules, one in spring and one in fall. The corona virus was still affecting everyday life and there were restrictions on meeting personally. Fall poetry reading organized by JOGA was thus held on October 10, 2020 at 4 PM through zoom. By this time, we had a lot of experience with zoom meetings and understood a few controlling parameters. The participants were:



Bigyani Das and Sikhanda Satapathy (Bande Utkala Janani starting)
Manoj Panda (Sloka Patha)
Sikhanda Satapathy (Gopabandhu – original)
Sulochana Pattnaik (Maa – original)
Devaraj Sahu (Pressed Rice – meaning chuda – original writing)
Manoj Panda (Suandora Santha– original)
Jhinu Chhotray (Chalanti Thakura – original)
Anjana Chowdhury (Samparkara Setu – original)
Bigyani Das (Kete je Kabita – original)
Anu Biswal (Listener)
Joy Gopal Mohanty (Kala Thakura by Parashara Mishra)
Sagarika Pattnaik (Tuma Kole Bapa – by Swapna Nayak)
Leena Mishra (Listener)

Dr Sikhanda Satapathy read a poem he had written for Baruna Pani, an Odia poet who passed away last year. Bigyani Das also read one of his poems "Puja" that was published in 2015 OSA souvenir. Sulochana Pattnaik conducted the commentary session and invited everybody to talk on any subject that they feel like. Specifically, by this time, working from home, masks, physical distance, shut down, lockdown etc were very well known and corona virus had become an integegral part of everyday news, everyday business. Everybody shared their thought on literature as well as the current state of the current affairs.

Usually our poetry reading activities are associated with mouthwatering dishes, snacks, varieties of curry and fusion preparations, and sweets. We missed that in-person interaction and gossiping opportunities, group picture taking opportunities. Yet, we had the best time in the current environment.

Maushumi Pattnaik sang the poem by Bhima Bhoi to end the program. A discussion was held and decided to have a special poetry reading event on December 5 with the theme “Thanks” or appreciation.



# Poems/Stories/Essays

## Are you stuck?

Brahmapriya Sen, Columbia, Maryland

You all have heard the story of tortoise and hare. In the race, the tortoise starts slowly, the hare struts along and after a while, hare looking at the tortoise being so far, decides to rest and falls asleep. The tortoise keeps moving slowly and steadily and wins the race.

Many of us get stuck in our life by listening to one of the stories in our past. But, life is not about one story, one idea or one chance. Life gives you many chances. It's like the Groundhog Day where Bill Murray keeps improving his game. No failure is final and nor is any success.

So, there is another race when the tortoise realizes his mistake and this time he is careful not to fall asleep and just keeps going until he wins the race.

Then, there is another race.

The tortoise carries out a plan. He puts carrots in the opposite direction of the race. The hare is being confident of his recent win and being greedy starts eating carrots and moves in the opposite direction and loses the race.

Life, in a similar way, is about failures and wins, wins and failures, failures and failures or a combination of that. The key for us is not to hold on any one theory or practice. What worked yesterday may not work tomorrow. What seemed impossible before is a reality now. The game keeps changing and we need to adapt to it.

Now, the rules of the race have changed. It is no longer a straight road. There are hurdles in the way. There is a pool of water, there is a big hump on the road. Suddenly it rains, the Sun beats down hard. There is wind, people all around. How do you win the race in such a situation?

Sometimes, we define life as a game as one versus other or you versus me but we tend to forget that life can be together. There is an African proverb that says, “If you want to go fast, go alone. If you want to go far, go with others.”

Well, the tortoise and the hare strategize. Instead of competing against each other, they become a team. When there is water, the hare sits on top of the tortoise and they cover the water. When there is the hump, the tortoise sits on top of the hare and the hare takes a big hop and clears the way. Finally, they both become the winner.

So, are you having difficulties in life or in business? Are you stuck on one theory that did work or did not change your plan, adapt to the situation, and win the game of life to your success!

# ଏ'ଥର ରଥଯାତ୍ରା (୨୦୨୦)

ଶଶଧର ମହାପାତ୍ର, ସିଲ୍‌ଭର୍ ସ୍ପ୍ରିଙ୍ଗ୍, ମେରୀଲାଣ୍ଡ୍



ଯେଉଁ ସୁପ୍ରିମକୋର୍ଟ ଅନୁମତି ପାଇଁ
ମନା କରି ଦେଇଥିଲା
ସେହି ସୁପ୍ରିମକୋର୍ଟ ଦିନକ ପୂର୍ବରୁ
କେମିତି ସମ୍ମତି ଦେଲା ?
ଏ' ସବୁ କେମିତି ହେଲା ?
ଲୀଳାମୟ ପ୍ରଭୁ ନୀଳକନ୍ଦରରେ
ବସି ଖେଳାଇଲେ ଲୀଳା
ବିଶ୍ୱ ଦେଖିଲା କାଳିଆ ଲୀଳା

ରଥଯାତ୍ରା ଯଦି ନହେବାର ଥିଲା
କାହିଁକି ଗଢିଲ ରଥ
ଭାବିଛକି ତମେ ---
ଯାହା ତୁମ ଇଛା ତୁମେ କରିଯିବ
ସହିଯିବେ ଜଗନ୍ନାଥ
ଏ' କଥା ଜାଣିଥା ସତ
ଯୁଗ ଯୁଗ ଧରି ଭାବର ସେ' ହରି
ଭକତର ସେ' ସଙ୍ଗୀତ
ରଖନ୍ତି ମାନ, ମହତ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଥିଲା
ଭକ୍ତ ଯିବେନାହିଁ କେହି
ଐତିହାସିକ ଏହି ରଥଯାତ୍ରା
ଖୋଲି ହେଲେ କୁହାକୁହି
ଭକ୍ତଙ୍କ ଭାବନା ବୁଝି ଭାବଗ୍ରାହୀ
ନିଜେ ନିଷ୍ପତ୍ତି ନେଲେ
ସମସ୍ତଙ୍କ ଆଶା ଯେବେ ତୁଟିଗଲା
ନିଜ ପଣ ଦେଖାଇଲେ

ସେବାୟତଙ୍କର କୋଭିଡ ପରୀକ୍ଷା
କରିବାକୁ ଥିଲା ରାୟ
ରଥଯାତ୍ରାରେ ଭାଗନେଲେ ଆଉ
ନଥିବ କରୋନା ଭୟ
ସୁପ୍ରିମକୋର୍ଟଙ୍କ ସବୁ ନିୟମକୁ
ମାନିନେଲେ ସରକାର
ପୁରୀ ସହରକୁ ଲକଡାଉନ କରି
କଲେ କଡା କାରବାର
ସବୁ ଜଗନ୍ନାଥ ପ୍ରେମୀଙ୍କ ମୁଣ୍ଡରେ
ଲଦି ଦେଲେ ବଡ ଭାର

ଟିଭି ପରଦାରେ ଭକତ ଦେଖିଲେ
ଘୋଷଯାତ୍ରା ଘରେ ବସି
ଭକ୍ତ ଶୂନ୍ୟ ବଡଦାଣ୍ଡ ଲାଗୁଥିଲା
କେହି ନଥିଲେ ଖୁସି
ନୂଆ ଇତିହାସ ହେଲା ସୃଷ୍ଟି
ଭକ୍ତଙ୍କ ଉପରେ କରୋନା ଦେବୀଙ୍କ
ପଡିଥିଲା କୋପଦୃଷ୍ଟି

ପୋଲିସ, ପ୍ରଶାସନ, ସେବାୟତ ମିଶି
ଟାଣିନେଲେ ତିନି ରଥ
ସୁରକ୍ଷା ବଳୟ ଭିତରେ ଟାଣିଲେ
ମାତ୍ର ପନ୍ଦରଶହ ଭକ୍ତ
ଗହଳ ଚହଳ ନଥିଲା ଦାଣ୍ଡରେ
ଭକ୍ତ ଭଗବାନ ମିଳନ ଟିଭିରେ
କଥା ହେଲା ବିପରିତ

# ତୁମେ ମୋର ବନ୍ଧୁ ଏକା, ଆଉ ଆନ ନାହିଁ

*ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍*



କାହିଁକି କୁହ ହେ ପ୍ରଭୁ କୁହୁଳୁଛି ନିଆଁ
ଅଶାନ୍ତିର ବାଡବାଗ୍ନି ଜଳିବ କି ସତେ
ସହି ହୁଏ ନାହିଁ ଆଉ ଏ ସବୁ ଜଞ୍ଜାଳ
ଇଚ୍ଛା ହୁଏ ଚାଲିଯାନ୍ତି ଏକା କେଉଁ ପଥେ ।

ଯେତେ ସବୁ ସ୍ୱପ୍ନ ଥିଲା ସବୁ ଅଛି ଅଧା
ପୂରାଇବା ପାଇଁ କିଛି ଦିଶେ ନାହିଁ ଦିଗ
ଏକାଏକା ଭାବିଭାବି ଆଖି ହୁଏ ଓଦା
ଉନ୍ମାଦିନୀ ସମ ମନେ ଆସେ ନାନା ରାଗ ।

ଛାଡିକି ମୁଁ ଚାଲିଯିବି ସମସ୍ତ ବନ୍ଧନ
ଛିନ୍ନ କରିଦେବି ମିଥ୍ୟା ମାୟାର ଶିକୁଳି
ଯହିଁ ଡାକି ନେବ ମୋର ଜ୍ଞାନ ଓ ଚିନ୍ତନ
ସେ ସତ୍ୟ ସନ୍ଧାନେ ଏକା ଯିବି ମୁହିଁ ଚାଲି ।

ସଂପର୍କର ସବୁ ରଜ୍ଜୁ ହେଲାଣି ହୁଗୁଳା
ମୋ ମନକୁ ଚିହ୍ନେ ନାହିଁ ମୋର ସ୍ନେହ ପ୍ରେମ
କାହିଁକି ମୁଁ ମିଛ ଏଇ ମାୟାର ଜାଲରେ
ନିଜକୁ ଛନ୍ଦି ମରିବି ହୋଇ ହୀନିମାନ ।

ତୁମେ ମୋର ବନ୍ଧୁ ଏକା, ଆଉ ଆନ ନାହିଁ
ସବୁ ମୋର ଦୁଃଖ, ସୁଖ, ତୁମେ ଏକା ଜାଣ
କହୁଛି ଖୋଲି ହୃଦୟ ତୁମକୁ ସେପାଇଁ
ଆଶୀର୍ବାଦ ଦେଇ ପୂର୍ଣ୍ଣ କର ଏ ଜୀବନ ।

ତୁମ କରୁଣା ଅମୃତ ଜଳ ଢାଳି ଦେଇ
ନିର୍ବାପିତ କର ଅଗ୍ନି, ଶାନ୍ତ କର ମନ
ଶରଣ ମୁଁ ତବ ପାଦେ ମାଗୁଛି ଗୋସାଇଁ
ଉତ୍ତମ ମାର୍ଗର ମୋତେ ଦିଅ ହେ ସନ୍ଧାନ ।

# Report on 9th Orientation program for School Teachers

The 9th teachers orientation program of Laxmi Narayan Public School, Sahada, Dt. Bhadrak sponsored by Jagannath Organisation for Global Awareness (JOGA), USA was held on 10th June 2020 in the meeting hall of the school. The program was inaugurated by Director of the school Dr. Sarat Chandra Das and Sri Sarat Chandra Sahoo Principal welcomed the participant teachers and resource persons. In the morning session Dr. Basanta Kumar Bal Reader in Political Science of A.B. College Basudebpur explained on the classroom management and role of teachers for the benefit of the students. In the post lunch session, the resource person Mr. Shashibhusan Nayak Asst. Professor of Computer science department of Ravenshaw University, Cuttack explained the teachers on online teaching through Kine Master and survey heart and team link applications. He also appraised the house about student teachers' relation ship through Yoga. How Yoga will help a person for stress relieve. In the last session Miss Krishna Moharana PGT in English explained the teachers how to teach English in Junior class through activities and language. Seventeen teachers of L.N. public school participated in the training program abiding all the standard procedure of COVID-19. Atlast, Mr. Sarat Kumar Moharana, Asst Teacher and coordinator of the program gave a vote of thanks to all the participants and resource persons. Further the second day of the program was decided to be held as workshop soon after this pandemic goes away.

# Rathajatra 2020 Sponsors

**We thank the following ratha jatra sponsors.**

## Taladhwaja sponsor

**Asha and Pradip Swain, Sujit and Pinky Das, Naresh and Bigyani Das, Prafulla and Sangeeta Nayak**

## Darpadalan Sponsorship

**Asha and Pradip Swain, Anu and Nilambar Biswal, Joy Gopal and Sulochana Mohanty, Ashim and Sangeeta Dey, Prasana and Baruni Samal,
Bijay and Sinu Dash, Nrusingha and Arati Biswal, Manoj and Snigdha Mishra**

## Nandighosa sponsorship

**Asha and Pradip Swain, Bhudeep Patanaik, Hemant and Preeti Biswal, Sudip and Susmita Patnaik, Lopamudra and Sudhansu Mohanty, Shashadhar and Meera Mohapatra, Millie and Alok Ray, Debashis Jena, Devaraj and Urmila Sahu, Sagarika and**

**Sanat Patnaik, Ajit and Barnali Sahu, Bhabani and Sheila Das, Maushumi and Sandeep Pattnaik, Manoj and Meeta Panda, Jhinu and Santanu Chhotray**

**Prasad Sponsorship**

**Asha and Pradip Swain, Gyana and Sujata Bohidar, Bikash and Dipti Mishra, Asutosh and Sasmita Dutta**

**Flower sponsorship**

**Asha and Pradip Swain, Supravat Rath, Hemant and Priti Panda, NJ**

***Bhajan Program – Status & Sponsors:*** We thank all the families for regularly participating in bhajan program activities. Specifically, after the pandemic started in March, we had been through a lot of obstacles to continue puja and bhajan activities. Irrespective of the psychological situation, many devotees are still making it to the monthly bhajan program as well as the new Jagannath temple activities. We appreciate your service.

JOGA takes this opportunity to thank the temple committee members of Hindu Temple and the priests. During this unprecedented time when outside devotee participation activities are limited, they are offering service to Lord Jagannath.

## Wise Thoughts (Chanakya Niti):

Do not put your trust in a bad companion nor even trust an ordinary friend, for if he should get angry with you, he may bring all your secrets to light. (2-6)

Do not reveal what you have thought upon doing, but by wise council keep it secret being determined to carry it into execution. (2-7)

Religious austerities should be practiced alone, study by two, and singing by three. A journey should be undertaken by four, agriculture by five, and war by many together. (4-12)

Consider again and again the following: the right time, the right friends, the right place, the right means of income, the right ways of spending, and from whom you derive your power. (4-18)

As gold is tested in four ways by rubbing, cutting, heating and beating - so a man should be tested by these four things: his renunciation, his conduct, his qualities and his actions. (5-2)

Learning is retained through putting into practice; family prestige is maintained through good behaviour; a respectable person is recognised by his excellent qualities; and anger is seen in the eyes. (5-8)




# ଯୋଗ ବିଷୁବମିଳନ ଓ ଶାରଦୀୟ ଓଡିଆ କବିତା ପାଠ ସମାରୋହ

ବିଜ୍ଞାନୀ ଦାସ

ଏପ୍ରିଲ୍ ୧୮ ତାରିଖର ଏକ ସୁନ୍ଦର ଓ ଆତଙ୍କିତ ଅପରାହ୍ନ । ସୁନ୍ଦର ଏଥିପାଇଁ କି ବସନ୍ତର ଆଗମନରେ ଚେରିଫୁଲର ମେଖଳା ପୃଥିବୀକୁ ରଙ୍ଗରେ ରଙ୍ଗେଇ ଦେଇଛି । ଆତଙ୍କିତ ଏଥିପାଇଁ କି ସାରା ଆମେରିକାରେ, ସାରା ପୃଥିବୀରେ କରୋନା ମହାମାରୀର ଆତଙ୍କ ଖେଳିଯାଇଛି । ଏମିତି ଏକ ଘଡିସନ୍ଧି ମୁହୂର୍ତ୍ତରେ ପରିସ୍ଥିତି ସହିତ ସାଲିସ୍ କରି ୱାସିଂଟନ୍ ଡିସି ଅଞ୍ଚଳର ସାହିତ୍ୟପ୍ରେମୀ କେତେଜଣ ୱେବଏକ୍ସ୍‌ରେ ବିଷୁବମିଳନ କବିତାପାଠର ଆୟୋଜନ କରିଥିଲେ । ଏ କବିତାପାଠ ସମାରୋହରେ କିଛି ସ୍ୱରଚିତ କବିତା ଓ କିଛି ଅନ୍ୟ କବିଙ୍କର କବିତା ପାଠ କରାଯାଇଥିଲା । କବିତାରେ କରୋନାର ଆତଙ୍କ ରହିଥିଲା, ଈଶ୍ୱରଙ୍କ କୃପା ଉପରେ ଆଶା ବି ରହିଥିଲା । ସେଥିରୁ କିଛି କବିତା ଓସା ସଂସ୍ଥାର ଊର୍ମି ୨୦୨୦ ସଙ୍କଳନରେ ପ୍ରକାଶିତ ହୋଇଅଛି ।

ଯୋଗ ଶାରଦୀୟ କବିତାପାଠ ସମାରୋହ ଜୁମ୍ ମାଧ୍ୟମରେ ଅକ୍ଟୋବର ୧୦ ତାରିଖରେ ଅନୁଷ୍ଠିତ ହୋଇଥିଲା । କରୋନା ମହାମାରୀର ଆତଙ୍କ ତଥାପି ସମଗ୍ର ପୃଥିବୀର ଜନଜୀବନକୁ ନିୟନ୍ତ୍ରିତ କରି ରଖିଥିଲା । ଯଦିଓ ଦୀର୍ଘ ଆଠମାସ ମଧ୍ୟରେ ସମସ୍ତେ କରୋନା ସହିତ ନିଜ ଜୀବନକୁ ଖାପଖୁଆଇ ଚଳିବା ଶିଖି ଯାଇଥିଲେ ଓ କରୋନା ସମ୍ବନ୍ଧରେ ସେମାନଙ୍କର ଜ୍ଞାନ କିଛିଟା ଅଧିକ ହୋଇଯାଇଥିଲା, ତଥାପି ମନରେ ଭୟ ରହିଥିଲା ଓ ସାଙ୍ଗସାଥୀ ନିମନ୍ତ୍ରଣ, ପାରିବାରକ ମିଳନ ଓ ସାମାଜିକ କାର୍ଯ୍ୟକ୍ରମରୁ ସମସ୍ତେ ନିଜକୁ ଯଥାସାଧ୍ୟ ଦୂରେଇ ରଖିଥିଲେ । ଅନ୍‌ଲାଇନ୍‌ରେ ହିଁ ସବୁ ଯୋଗାଯୋଗ ଅବ୍ୟାହତ ରହିଥିଲା । କିନ୍ତୁ ଅନ୍‌ଲାଇନ୍ କାର୍ଯ୍ୟକ୍ରମରେ ଯୋଗ ଦେଇଦେଇ ଅନେକ ଥକି ଯାଇଥିଲେ । ପରସ୍ପର ସହିତ ମିଳାମିଶା କରି କାର୍ଯ୍ୟକ୍ରମର ଯେତେଟା ମଜା ନେଇହୁଏ, ସିଏ ଆଉ କଣ ଅନ୍‌ଲାଇନ୍‌ରେ ରହିବ ? ସେଥିପାଇଁ ଆମର କବିତାପାଠ କାର୍ଯ୍ୟକ୍ରମରେ ମଧ୍ୟ କମ୍ ବ୍ୟକ୍ତି ଯୋଗଦାନ କରିଥିଲେ । ହେଲେ, ସଂଖ୍ୟା କମ୍ ହେଲେ କଣ ହେଲା,

ସମସ୍ତଙ୍କର କବିତାପାଠ, ସମସ୍ତଙ୍କ ଭାବନାର ପର୍ଯ୍ୟାଲୋଚନା, ସମସ୍ତଙ୍କ ଦେଖାସାକ୍ଷାତ ସେଇ ଦୁଇଘଣ୍ଟାକୁ ଅତ୍ୟନ୍ତ ସ୍ମରଣୀୟ କରିଦେଇଥିଲା ।

ଉପରୋକ୍ତ କବିତାପାଠ ସମାରୋହରେ ପରିବେଷିତ ଆମର ହସ୍ତଗତ ହୋଇଥିବା କିଛି ସ୍ୱରଚିତ କବିତା ଆମେ ଏ ଉନ୍ମୋଚନ ବିଭାଗରେ ଉପସ୍ଥାପନ କରୁଛୁ ।

| | | |
|---|---|---|
| ନିଃଶଙ୍କ ରହରେ ମନ ନିର୍ଭୟ ରହ | ମନୋଜ ପଣ୍ଡା | ବିଷୁବମିଳନ |
| ଭେରବୋଟେନ | ଦେବରାଜ ସାହୁ | ବିଷୁବମିଳନ |
| ଅବାଞ୍ଛିତ ବସନ୍ତ | ବବୁ ସାମଲ | ବିଷୁବମିଳନ |
| ଆଇନା | ଝିନୁ ଛୋଟରାୟ | ବିଷୁବମିଳନ |
| ଆଜିର ପ୍ରାର୍ଥନା | ସୁଲୋଚନା ପଟ୍ଟନାୟକ | ବିଷୁବମିଳନ |
| ଦୀପଶିଖାଟିର ଅକାନ୍ତ ମୁହୂର୍ତ୍ତ | ଶିଖଣ୍ଡ ଶତପଥୀ | ବିଷୁବମିଳନ |
| ହେ ଜଗନ୍ନାଥ, ତୁମ ଚରଣ ତଳେ | ବିଜ୍ଞାନୀ ଦାସ | ବିଷୁବମିଳନ |
| ସଂପର୍କର ସେତୁ | ଅଞ୍ଜନା ଚୌଧୁରୀ | ଶାରଦୀୟ ମିଳନ |
| ସୁଆଣ୍ଡୋର ସନ୍ଥ | ମନୋଜ ପଣ୍ଡା | ଶାରଦୀୟ ମିଳନ |
| ଅଶ୍ରଦ୍ଧା | ଶିଖଣ୍ଡ ଶତପଥୀ | ଶାରଦୀୟ ମିଳନ |
| କେତେ ଯେ କବିତା | ବିଜ୍ଞାନୀ ଦାସ | ଶାରଦୀୟ ମିଳନ |



# ନିଃଶଙ୍କ ରହରେ ମନ ନିର୍ଭୟ ରହ

ମନୋଜ ପଣ୍ଡା



**କହଇ ମନ ଆରେ ମୋ ବୋଲ କର**
**ନିଃଶଙ୍କ ହୋଇ ସଦା ନିର୍ଭୟ ରହ । (ଘୋଷା) (୧)**

ଚାଲିଛି ଜୀବ ତରୀ ଭବ ସାଗରେ
ତେଣୁ ଅଥଳ ଢେଉ କର୍ମ ବେଗରେ । (୨)
ଗୁରୁ ଗୋବିନ୍ଦ ପୋଥି ମନ ନ ଦେଉ
କେମନ୍ତେ ଯୁଝିବୁ ଦୁଃଖ କଷଣ ଦାଉ । (୩)

ଇନ୍ଦ୍ରି ମନାଙ୍ଗ ଯାଏ ଯେଉଁ ପଥରେ
ଫଳ ତହିଁରୁ ମିଳେ ସେହି ଭାବରେ । (୪)
ଗର୍ଭରୁ ଗର୍ଭ ଯାଏଁ  ଯୋନିର ଖେଳ
ମିଛକୁ ସତ ହେଲି ନ ବୁଝ ଭେଳ । (୫)

**କହଇ ମନ ଆରେ ମୋ ବୋଲ କର**
**ନିଃଶଙ୍କ ହୋଇ ସଦା ନିର୍ଭୟ ରହ**

ଜନମ ହେଲେ ସେତ ମରଣ ଅଛି
ଜୀବନ ଲକ୍ଷ୍ୟ କେବେ ଭୁଲନା କିଛି । (୬)
ଧର୍ମ ଅର୍ଥ କାମରେ ମୋକ୍ଷଟି ମୂଳ
ବନ୍ଧନ ମୁକ୍ତ କରେ ହରଇ ଶୂଳ । (୭)

ଭେଳା ବୁଡିବ ଭଲେ ହେଳା କରିଲେ
ଭଙ୍ଗା ନାବରେ କେଣେ ତରିବୁ ଭଲେ । (୮)
ଦେହ ମନ ଶକତ ହୋଇବ ଯେବେ
ଶୁଦ୍ଧ ଭକତି ଭାବ ଜାଗିବ ତେବେ । (୯)

ମିଥ୍ୟା ଭିତରେ ସତ୍ୟ ଲୁଚି ରହିଛି
ଗୋରସେ ନବନୀତ ଯେମନ୍ତେ ମଜ୍ଜିଛି । (୧୦)
**କହଇ ମନ ଆରେ ମୋ ବୋଲ କର**
**ନିଃଶଙ୍କ ହୋଇ ସଦା ନିର୍ଭୟ ରହ ……**

ମାୟା ସଂସାର ଲୀଳା ଖେଳୁଛି ଜୀବ
ଖୋଜିଲେ ପାଇବ ସେ ସଭିରେ ଶିବ । (୧୧)
ଅହିଂସା ସତ୍ୟ ବ୍ରହ୍ମଚର୍ଯ୍ୟ ଯେ ସାର
ଅଚୌର୍ଯ୍ୟ ଗ୍ରହଅପରି ସାଥିରେ ତାର । (୧୨)

ଶାନ୍ତ ଶଉଚ ସନ୍ତୋଷ ସ୍ୱାଧ୍ୟାୟ
ଈଶ୍ୱର ପ୍ରଣିଧାନ ହେଉ ଯେ ଧେୟ । (୧୩)
ଶେଷ ନିଶ୍ଚିତ ଅଛି ସବୁ ଆରମ୍ଭର
ନିର୍ମୋହ ବିଜ୍ଞ ଜାଣି ସର୍ବଦା ସ୍ଥିର । (୧୪)

ଠିକେ ଶିଖିଲେ ମନ କଷ୍ଟ କାରଣ
ଠକି ନଯିବ କେବେ ସତ୍ୟ ଭାଷଣ । (୧୫)
**କହଇ ମନ ଆରେ ମୋ ବୋଲ କର**
**ନିଃଶଙ୍କ ହୋଇ ସଦା ନିର୍ଭୟ ରହ ……**

ଦୁଃଖ ଶୋକ ଜଞ୍ଜାଳ ଲାଗି ରହିବ
ଶିକ୍ଷକ ଶିକ୍ଷା ଯେବେ ସାରିନଥିବ । (୧୬)
ବାହାର ଆବରଣ ଦେଖି ସୁନ୍ଦର
ଭଳି ନ ଯାଉ ମନ ମିଥ୍ୟା ଜ୍ଞାନର । (୧୭)

ହାଡ ମାଁଉସ ଯାର ପଞ୍ଚ ଆଧାର
ପାଞ୍ଚ ବାୟୁ ଚାଲଇ ବଡ ପ୍ରଖର । (୧୮)
ତିନି ପରସ୍ତେ ଶୂନ୍ୟ ଦେହୀ ବିଚରେ
ଜୀବନ ସୂତ୍ର ସହ ଧରା ବିହରେ । (୧୯)

ଶ୍ୱାସ ପରଶ୍ୱାସ ଯେ ତା ପରିସୀମା
ଘଟ ଛୁଟିଲେ ପାର ହୋଇବ ସୀମା । (୨୦)
**କହଇ ମନ ଆରେ ମୋ ବୋଲ କର**
**ନିଃଶଙ୍କ ହୋଇ ସଦା ନିର୍ଭୟ ରହ ……**

ସମୟ କ୍ରମେ ହୁଏ ଆୟୁଷ କ୍ଷୟ
ହରି ଭଜନେ ସଦା ରଖିବ ଲୟ । (୨୧)
ଭିତରେ ଚାଲିଛି ଯେ କେତେ ଯେ ରଣ

କ୍ଷଣରୁ କ୍ଷଣରୁ ସେତ ଅତି ଭୀଷଣ । (୨୨)

ସେ ରଣ କ୍ଷେତରରେ ଜୟ ବିଜୟ
ମଣିଷ ଧରମର ସେ ପରିଚୟ । (୨୩)
ସାତ ଚକ୍ରର ଶୁଦ୍ଧି ଅତି ସୁକର
ମୁକତି ଭୁକତିର ଗହୀର ସାର । (୨୪)

ସ୍ୱଭ୍ୟାସ ବଇରାଗ ଭଲ ବିଗ୍ବର
ମଣିଷ ଗଢଣର ଉପାୟ ସାର । (୨୫)
**କହଇ ମନ ଆରେ ମୋ ବୋଲ କର**
**ନିଃଶଙ୍କ ହୋଇ ସଦା ନିର୍ଭୟ ରହ ……**

ଅନ୍ତରମୁଖୀ ମନ କରେ ମନନ
ବହିରମୁଖୀ ମନୁ ଯେ ସାବଧାନ । (୨୬)
ଶୁଭ ଶାନ୍ତି ପୀରତି ବଢିବ ଯେହୁ
ଏ ଭାବେ ମନ ଯେବେ ରହିବ ତେହୁ । (୨୭)

ମନ ନିରିମଳେ ଗାଡିଆ ଗଙ୍ଗା
ଭାଗ୍ୟେ ନଫଳେ କେବେ ସେ କରମଙ୍ଗା । (୨୮)
ଦୁଃଖ ଯାତନା କ୍ଳେଶ ହେବଟି ଶେଷ
ଦୃଢ ମନା କରମେ ଭକ୍ତି ନିବେଶ । (୨୯)

ଜୀବ ଥାଉ ଥାଉ ହରି ଭଜନ
ମୁଖ ମନ କରନ ରହୁ ମଗନ । (୩୦)
କଳା ଶ୍ରୀମୁଖ ପ୍ରତି ଗତି ଆମର
ଭୟ ଭ୍ରାନ୍ତି ବିପତ୍ତି ହରିବେ ହର । (୩୧)

**କହଇ ମନ ଆରେ ମୋ ବୋଲ କର**
**ନିଃଶଙ୍କ ହୋଇ ସଦା ନିର୍ଭୟ ରହ ……**

*ଗେଥର୍ସବର୍ଗ, ମେରୀଲାଣ୍ଡ*
*ବୈଶାଖ ଏକାଦଶୀ*



# ଭେରବୋଟେନ *

ଦେବରାଜ ସାହୁ

ଦିବାକରଙ୍କ ଆଭରଣ
ବରଣମାଳା ଆକାର
ପୃଥିବୀରେ ଆବିର୍ଭୁତ
ମହାମାରୀ ଅବତାରେ

ଜୀବନ ନାହିଁ
ଜୀବନ ନିଏ
କରେ ଆଘ୍ରାଣ ନାଶ
ଆଉ ଶ୍ୱାସ ରୁଦ୍ଧ

ଆଶା ଓ ନିରାଶା
ସାହାସ ଓ ଆଶଙ୍କା
ଜୀବନ ଓ ମରଣ
ଦ୍ୱନ୍ଦ୍ୱର ସମାଧାନ କିପରି?

ଭୟାତୁର ପଥିକ
ଶ୍ରମକ୍ଲାନ୍ତ ଶ୍ରମିକ
କ୍ଷୁଧାର ଜ୍ୱାଳା
ସତେକି ଭସ୍ମ କରିବ ଧରାକୁ

ମୋ ପାଇଁ ରାଜ ଦାଣ୍ଡ ମନା
କାଳେ ସଂକ୍ରମିତ ହେବି
ବନ୍ଧୁଙ୍କ କଡା ତାଗିଦ
ପରିବାର ବର୍ଗଙ୍କ ବାରମ୍ବାର ସତର୍କ

ମୋର ଖବର କାଗଜ ମନା
କାଳେ ଭୁତାଣୁ ଅଦ୍ଭୁତ କାଣ୍ଡ କରିବ
ବୟସ୍କଙ୍କ ଠାରେ ସଂକଳ୍ପ ବଦ୍ଧ
ସ୍ୱାସ୍ଥ୍ୟ ଆଗ, ଖବର କାଗଜ ପଛ

ମୋର ଚିଠି ଆଣିବା ମନା
ହୁଏତ ଚିଠି ଆଉ ଶ୍ୱାସ
ଲୁଚକାଳି ଖେଳିବେ
ଶରୀରକୁ ଅକଥନୀୟ କ୍ଲେଶ ଦେଇ

କାରାଗାରରେ ବନ୍ଦୀ
ଅବରୁଦ୍ଧ ବାୟୁ
ବିଚଳିତ ଚିନ୍ତା
ଅବିଚଳିତ ମନସ୍କାମନା

କୂପମଣ୍ଡୁକ
ବିଶ୍ୱର ପରିଧି
କଳ୍ପନା କରେ
ମୁକ୍ତିର ରୁଦ୍ଧଦ୍ୱାରେ

ଭୟ
ଚିନ୍ତାକୁ ବିଭ୍ରାନ୍ତ କରେ
ଗଣ ଚିନ୍ତା
ଦୁଶ୍ଚିନ୍ତା ହୁଏ

ସାଧାରଣ କାର୍ଯ୍ୟ
ଅସାଧାରଣ ରୂପ ଧରେ
ଅବଶୋଚନା
ସୁପ୍ତ ପ୍ରେତକୁ ଜୀବନ୍ତ କରେ

ମନ ଗ୍ରହେଁ
ଭୟରୁ ମୁକ୍ତି
ଆଶଙ୍କାରୁ ନିବୃତ୍ତି
ପ୍ରଳୟରୁ ଉଦ୍ଧାର

ଦୂର ଦିଗବଳୟରେ
ଉଦୀୟମାନ ଦିବାକର
ଅମା ଅନ୍ଧକାରୁ ଅଙ୍କୁରୋଦ୍ଗମ
ଅସୀମ ଆଶାର ଆଭା

ଆଶାବାଦୀର ଜୀବନ
ସର୍ବହରାକୁ କିପରି ଶାନ୍ତ୍ୱନା ଦେବ
ସେ ହରାଇଛି ପରିବାର
ସେ ହରାଇଛି ସକଳ ସମ୍ପତ୍ତି

ଅନ୍ଧ ଦିଗନ୍ତରେ
ହୁଏତ ବଞ୍ଚିବାର ଇଚ୍ଛା
ପ୍ରବଳ, ଅଭେଦ୍ୟ
ହୁଏତ ଅଦହନୀୟ

*ଭେରବୋଟେନ ଏକ ଇଂରାଜୀ ଶବ୍ଦ । ଏହାର ଅର୍ଥ ହେଲା ମନା ବା ନିଷିଦ୍ଧ ।

*୧୪୨୧୬ ଫ୍ଲୋରାଲ୍ ପାର୍କ ଡ୍ରାଇଭ ନର୍ଥ ପଟୋମାକ୍, ମେରୀଲାଣ୍ଡ*

# ଅବାଞ୍ଛିତ ବସନ୍ତ

ବବୁ ସାମଲ



ଗତ ବର୍ଷ ଭଳି
ଶୋଇବାକୁ ଶୀତ ଗୁମ୍ଫାକୁ ଗ୍ଲଲିଗଲା୍
ଏବଂ ବସନ୍ତ ଆସିଲା୍
ବାସ୍ତବରେ ଏକ ମାସ ପୂର୍ବରୁ
ଡାଫୋଡିଲ୍ସ, ମାଗ୍ନୋଲିଆ
ଏବଂ ଚେରି ଫୁଲ ଗୁଡିକ
ସେମାନଙ୍କର ସୁନ୍ଦରତା ଏବଂ ମହାନତା
ପ୍ରଗ୍ସର କଲେ
ଅନେକ ରଙ୍ଗର ଆଜାଲିଆ
ବୁଦା ଏବଂ ବାଡ ସଜାଇଲେ

କିନ୍ତୁ ସବୁ ବର୍ଷ ପରି
ମୁଁ ସେମାନଙ୍କୁ ଅଭିବାଦନ କରିବାକୁ
ଯାଇପାରିଲି ନାହିଁ
କି  ଫଟୋ ଉଠାଇ ପାରିଲିନି
କାରଣ
ଆମେ ଅଲଗା ଅଲଗା ରହୁଛୁଁ
social isolation

ନିଜ  ନିଜ ଗୁମ୍ଫାରେ
ଅନ୍ୟମାନଙ୍କ ସହିତ ଯୋଗଦେବାର ମୁହୂର୍ତ୍ତ
କେବଳ ଅନଲା୍ଇନ୍

ଇତି ମଧ୍ୟରେ
ଫୁଲଗୁଡ଼ିକ ପାଖୁଡା
ଭୂମି ଉପରେ ଗଦା
ନ୍ୟୁ ଜର୍ସି ନର୍ସିଂହୋମରେ ଗଦା ହୋଇ ଥିବା ଶବ ପରି
ମୃତ୍ୟୁ ଦେବତା ହଠାତ୍ କି
ନେଇ ଗ୍ଲଲିଗଲେ
କାହାକୁ ଛୁଇଁବାକୁ ନାହିଁ
କିମ୍ବା ବିଦାୟ ମାଗିବାକୁ
ସୁଯୋଗ ନାହିଁ

ଓହ୍ଲାନରେ
ପୂର୍ବ ପୁରୁଷ ଘରକୁ ଫେରି ଆସିଲେ
ଛୋଟ ଛୋଟ କୁମ୍ଭ ଭିତରେ
ଜୀବନର ଶେଷ ବାର୍ତ୍ତା ଘୋଷଣା କରିବାକୁ ।

– *ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା*

# ଆଇନା

ଝିନୁ ଛୋଟରାୟ



ପ୍ରାତଃ ଶଯ୍ୟା ତ୍ୟାଗେ ଆଇନା ସମ୍ମୁଖେ
ନିଜ ପ୍ରତିଛବି ଦୃଷ୍ଟ
ଅନିଦ୍ରାର ରେଖା ସୁନିଦ୍ରାର ଛାପା
ଦିଶିଯାଏ ମୁହେଁ ସ୍ପଷ୍ଟ

ନିତି ପ୍ରତିଦିନ ନିଜର ସ୍ୱରୂପ
ଦେଖିଥାଏ ବହୁବାର
ଏ ମାଧମ ବିନା ନିଜ ବାହ୍ୟ ରୁପ
ନିଜକୁ ହିଁ ଅଗୋଚର

ଅତି ପରିଚିତ ଅତୁଟ ବିଶ୍ୱାସ
ପ୍ରତିଛବି ନିଷ୍ପତ୍ତିରେ
ଆପାଦ ମସ୍ତକ କରେ ସୁସଜ୍ଜିତ
ତା ସ୍ୱୀକୃତି  ଅନୁସାରେ

ଆଇନା ଗୃହିଦା ଭିନ୍ନ ଅବସ୍ଥାରେ
ହୁଏ ଊଣା ଓ ଅଧିକ
କୈଶୋର, ଯୌବନେ ସବୁଠୁଁ ଆଦୃତ
ରୂପଟି ଯେ କେନ୍ଦ୍ରୀଭୁତ

ପ୍ରୌଢ଼, ବୃଦ୍ଧ କାଳେ ଜୀବନାନୁଭୂତି
ନଶ୍ୱର ଶରୀର ଅଟେ
ସଜେଇ ହେବାକୁ ହଜିଯାଏ ସ୍ପୃହା
ଆଇନାରୁ ମୋହ ତୁଟେ

ନିଜ ପ୍ରତିଛବି ବୟସର ସାକ୍ଷୀ
ବର୍ଦ୍ଧିତ ଆଇନା ସାଥେ
ଶୃଙ୍ଖଳ ଯୌବନ ପ୍ରୌଢ଼ ପକ୍ୱ କେଶ
ଶ୍ଳେଳିତ ଚର୍ମ ବାର୍ଦ୍ଧକ୍ୟେ

ଦୃଷ୍ଟି ଯାଏ ଯେଣେ ମାୟା ଜାଲ ତେଣେ
ପ୍ରତିଛବି ମାୟା ଚକ୍ର
ନକଲି ପ୍ରତିମା ଉଦ୍‌ଭାସିତ ସେ ଯେ
ଆଇନା ଭଙ୍ଗିଲେ ବକ୍ର

ହୃଦୟ ଆଇନା ପ୍ରତିଛବି ସ୍ୱଚ୍ଛ
କପଟତା ନାହିଁ ଲେଶ
ନିଃସନ୍ଦେହ ସହ ପ୍ରକାଶ କରଇ
ନିତ୍ୟ ସନାତନ ସତ୍ୟ ।

*-ସେଣ୍ଟର୍‌ଭିଲ୍, ଭର୍‌ଜିନିଆ*



# ଆଜିର ପ୍ରାର୍ଥନା

ସୁଲୋଚନା ପଟ୍ଟନାୟକ

କଥା ଦିଅ ପ୍ରଭୁ କଥା ଦିଅ
କାହିଁକି ନିଶ୍ଚଳ ନୀରବ ରହିଛ
କେଉଁ କଥା ଲାଗି ଭାବନା କରୁଛ
ଦୁଷ୍ଟ ଦଳନରେ ମନ ଦିଅ ।

ଚାଇନା ଦେଶରୁ କି ରୋଗ ଆସିଲା
ମୃତ୍ୟୁର ବାରତା ଯେଣୁ ପରଶିଲା
ଲୋକମାନେ ହେଲେ ଗୃହବନ୍ଦି
କରୋନା ସାଥିରେ ହେଲେ ଛନ୍ଦି ।

ସରକାର ଘରେ ତାଲା ଦେଲେ
ବେନିୟମ ହେଲେ ବନ୍ଦି କଲେ
ଦରକାର ଆଜି ଛଅ ଫୁଟ ଦୂରତା
ଜାଣି ରଖ ବୋଲି ସେ କହିଲେ ।

ସଭିଏଁ କହିଲେ ତ୍ରାହି ତ୍ରାହି
କାମ ତୁମେ କର ଘରୁ ରହି
ଠାକୁରଙ୍କୁ ଡାକ ଅହ ରହ
ଜୀବ ଥିବା ଯାଏଁ ଥିବ ରହି ।

ଏ ନୂଆ ଭୂତାଣୁ ଆସିଗଲା
ସଂସାରକୁ ଏବେ ଗ୍ରାସ କଲା

କରୁଣା ତାଠାରେ କିଛି ନାହିଁ
ଯେତେ କୁହ ତୁମେ ତ୍ରାହି ତ୍ରାହି ।

ସଂସାର ହେଉଛି ଥର ଥର
କେତେ ବଳ ଏହି କରୋନାର
ସାରା ଜଗତରେ ପଡି ଅଛି ଝୁରି
ପାର କର ପ୍ରଭୂ ପାର କର ।

ଦେଇ ତ ନଥିଲା ଚେତାବନୀ
ପିତା ପୁତ୍ର କନ୍ୟା ସଂଗେ ଧରି
କଷ୍ଟ ଦେଶେ ଆସି ବିଜେ ହୋଇଗଲା
ମୃତ୍ୟୁର ବାରତା ସଂଗେ ଧରି ।

ତୁମକୁ ଡାକୁଛି ଆହେ ହରି
ଧରା ଧାମେ ଆସ ଅବତରି
ପାଦେ ଦିଅ ତୁମେ ତାରେ ଦଳି
କରୋନାର ଦିଅ ଶେଷ କରି ।

*ଏଲ୍‌କ୍ରିଜ୍, ମେରୀଲାଣ୍ଡ*

# ଦୀପଶିଖାଟିର ଏକାନ୍ତ ମୁହୂର୍ତ୍ତ

ଶିଖଣ୍ଡ ଶତପଥୀ



ନାଚି ନାଚି ଜଳେ ଦୀପଶିଖାଟିଏ
ନିଜର ତିଆରି ଝାଞ୍ଜି ପବନରେ
କେତେବେଳେ ଏକ ଅନିନ୍ଦ୍ୟ ସୁନ୍ଦରୀ
ଗଣ୍ଡଦେଶେ ଅଙ୍କା କୁନ୍ତଳ ଲହରୀ
କେତେବେଳେ ପୁଣି ମହାବ୍ୟାଧି ସାଥି
ସିଗାରେଟ ଚ୍ୟୁତ ଧୂମର କୁଣ୍ଡଳି
ପୀତ ନୀଳ ଶୁଭ୍ର ବ୍ୟସନ ଉଡାଇ
ଏକାନ୍ତେ ନାଚଇ ଚେତନା ହରାଇ

ଦୀପଟିର ଗର୍ଭେ ଦେଇଛି ପୂଜାରୀ
ପାବନ ପବିତ୍ର ଘୃତାମୃତ ଭରି
ଜଳୁଛି ଏକାନ୍ତେ ନିରୋଳା ମୁହୂର୍ତ୍ତେ
ଲୁଚକାଳି ଖେଳେ ତମସ ସଙ୍ଗତେ
ଅନନ୍ତ କାଳର ଚିର ସହଚରୀ
ଜଳିବ ପର୍ ସେ ତମସ ବିଦାରି

ଅନେକ ବେଳଠୁ ଘେନି ଅବସର
ଗଲ୍‌ଣି ପୂଜାରି ରୁଦ୍ଧ କରି ଦ୍ୱାର
ଇନ୍ଧନ ଆଶାରେ ବସିଅଛି ଟାକି
ସୂର୍ଯ୍ୟୋଦୟ ପାଇଁ କିଛି କ୍ଷଣ ବାକି
ଥରିଲ୍‌ଣି ଶ୍ୱାସ ମାଡିଲ୍‌ଣି ଡର
ହେଲ୍ କିବା ଏହି କାଳ ରାତ୍ରି ତାର
ଆହ୍ଲାଦର ଏବେ ନାହି ଅବକାଶ,
ପ୍ରଣୟ ବିରହ ଶୋକ ଅବସାଦ

ପୂଜାରିଟି ସୁସଜ୍ଜିତ ଅର୍ଘ୍ୟ ଥାଳି
ଅତି ସରାଗରେ ଆସୁଥିବ ଧରି
ଭରିଦେବ ହୃଦେ ପରାଣ ଅମାପ
ଜଳିବ ପର୍ ସେ ଅଖଣ୍ଡ ପ୍ରଦୀପ

ଶେଷ ଥର ପାଇଁ ଥରିଲ୍ ତା ଶ୍ୱାସ
ଏକାନ୍ତ, ନିଷ୍ପ୍ରଭ ଖଣ୍ଡିତ ବିଶ୍ୱାସ
ଧୂମ କୁନ୍ତଳ ତା ଉଠିଯିବ ନଭେ
ମିଶିବାକୁ ଯାଇ ଅଂଶୁମାନ ସାଥେ
ପରାଣ ମିଶିବ ପାବନ ସମୀରେ
ନଶ୍ୱର ଶରୀର ମିଶିବ ମାଟିରେ

ସୂରୁଜ କିରଣ ମଧୁର ଚୁମ୍ବନେ,
ନାଚିବ ଶେଫାଳି ଧୀର ସମୀରଣେ
ଆଳସ୍ୟ ତେଜିଣ ଉଠିବ ଧରଣୀ,
ଗୁଞ୍ଜରୀତ ତରୁ ପଲ୍ଲବେ କାକଳି
ବସନ୍ତର ରଙ୍ଗେ ଗ୍ରୀଷ୍ମ ସମାହିତ
ଧରଣୀର ଶୋଭ୍ ହେବ ଅପ୍ରମିତ

ମନ୍ଦିର ଆଳତି ପାଇଁ ପୁଣି ଥରେ
ନୂତନ ସଳିତା ଧରିଣ ଗର୍ଭରେ
ତେଜିବ ନବୀନ ଏକ ଦୀପ ଶିଖା
ହୃଦୟେ ଅଖଣ୍ଡ ପ୍ରଦୀପର ଆଶା
ପୂଜା ମନ୍ତ୍ର ଝାଞ୍ଜୀ ରୋଳେ ମୁଖରିତ
ନାଚି ଉଠୁଥିବ ଆରେକ ପ୍ରଦୀପ

– *ଡକ୍ଟର୍ ଶିଖଣ୍ଡ ଶତପଥୀ*
*କ୍ଲାର୍କ୍‌ସ୍‌ଭିଲ୍, ମେରୀଲ୍ୟାଣ୍ଡ*



# ହେ ଜଗନ୍ନାଥ, ତୁମ ଚରଣ ତଳେ

ବିଜ୍ଞାନୀ ଦାସ

ହେ ଜଗନ୍ନାଥ, ତୁମ ଚରଣ ତଳେ
    କରୁଛି ମୁଁ ନିବେଦନ ଅତି ଆକୁଳେ
କର ସିଞ୍ଚନ ତୁମ, ସୁଧା ସୁଦୟା ନୀର
    ତୁମେ ହିଁ ଭରସା ଏ ସଙ୍କଟ କାଳେ
ହେ ଜଗନ୍ନାଥ..................

ସୁନ୍ଦର ଧରା, ଋତୁ ବସନ୍ତ
କୁସୁମ ରଙ୍ଗେ, ଦିଶେ ଶୋଭିତ
ଭୁବି ପାରେନା, ସତେ କରୋନା
   ଏମିତି ବେଳେ କରେ ଆକ୍ରାନ୍ତ ।
ହେ ଜଗନ୍ନାଥ ..................

ବନ ହରିଣୀ ପ୍ରାୟ ଏ ଚିତ୍ତ
କାହିଁକି ଏତେ, ତ୍ରସ୍ତ, ଶଙ୍କିତ
ଶିକାରୀ କିଏ, ଜଗିଛି କାହିଁ
ତ୍ରାହି ମହାପ୍ରଭୁ, ରଖ ଗୋସାଇଁ ।
ହେ ଜଗନ୍ନାଥ ....................

ତୁମେ ହିଁ ଜ୍ଞାନ, ତୁମେ ବିଜ୍ଞାନ
ତୁମେ ହିଁ କର୍ତ୍ତା, ତୁମେ କାରଣ
ତୁମ ଇଚ୍ଛାରେ, ଉଏଁ ତପନ
ଆଜ୍ଞାରେ ତୁମ, ବହେ ପବନ ।
ହେ ଜଗନ୍ନାଥ ..............

ତୁମ ସନ୍ତାନ, ଏ ଧରା ବାସୀ
ତାଙ୍କ ଖୁସିରେ ସବୁତ ଖୁସି
କାହିଁକି ତେବେ ହୁଅ ଦାରୁଣ
   କନ୍ଦାଅ ତାଙ୍କୁ ଦେଇ କଷଣ ।
ହେ ଜଗନ୍ନାଥ..................

ହେ ଦୟାମୟ, ଗୁହାରୀ ଶୁଣ
ମହୀରେ କର ଅବତରଣ
ଦେଖାଅ ପଥ, ହର କଷଣ
    ହସାଅ ପୁଣି ତୁମ ସର୍ଜନ ।
ହେ ଜଗନ୍ନାଥ ................

ତୁମେ ଏ ସାରା ସୃଷ୍ଟିର ସାଇଁ
ଇଚ୍ଛାରେ ତୁମ ସବୁ ଘଟଇ ।
ତୁମେ ହିଁ କର୍ତ୍ତା, କର ବିଗ୍ରହ
    କରୋନା ଭୟ, ଆତଙ୍କ ହର ।
ହେ ଜଗନ୍ନାଥ .................

ସୁଖରେ ହସୁ ତୁମ ସଂସାର
ଖୁସିରେ ଗାଉ ଗୁଣ ତୁମର
ଆଶା ଆଲୁଅ କର ସଂଚାର
    ଝରାଅ ପ୍ରଭୁ ଅମୃତ ଝର ।
ହେ ଜଗନ୍ନାଥ .................

# ସମ୍ପର୍କର ସେତୁ

ଅଞ୍ଜନା ଚୌଧୁରୀ, ଜର୍‌ମାନ୍‌ଟାଉନ୍, ମେରୀଲାଣ୍ଡ



ଗୁଣ୍ଡୁଚିଟିଏ
ସେତୁ ବାନ୍ଧିବାର ପ୍ରୟାସରେ
କ୍ଷତ ବିକ୍ଷତ ତତଲା ବାଲିରେ
ନାହିଁ ଅଯୋଧ୍ୟା ନରେଶ
ଆଉଁସି ଦେବା ପାଇଁ ତାରି ପିଠିରେ ।

ସେତୁଟିର ନାହିଁ ଅନ୍ତ ନାହିଁ ବା ଦିଗନ୍ତ
ନୀଳାମ୍ବୁ ସାଗରେ ସେତୁର ନିର୍ମାଣ
ଜାନକୀ ଉଦ୍ଧାରିବା ପାଇଁ ଅଭିପ୍ରେତ
ଲଙ୍କାପତି ହତ ପାଇଁ ଧନୁର୍ଦ୍ଧର ଉଦ୍‌ବେଳିତ
ସେ ସେତୁଟି ଅଟେ ସମ୍ପର୍କର ।

ଗୁଣ୍ଡୁଚିଟି ବ୍ୟସ୍ତ
ନିଷ୍ପାପ ମନରେ ସେତୁ ରଚିବାରେ
ବୁଝି ପାରେନାହିଁ, ତାଦେହରୁ ଝରୁଥିବା ବାଲି ବିଲୀନ ସାଗରେ
ତଥାପି କର୍ତ୍ତବ୍ୟର  ପଥେ ଅଗ୍ରସର
ନିର୍ଲିପ୍ତ ମନରେ କାୟରେ
ଏ କଣ ସେତୁ ସମ୍ପର୍କର  ।

ଯେବେ ବାନ୍ଧିଅଛ ସେତୁ ସମ୍ପର୍କର
ସେ ଦୋହଲି ଯାଏ କିଆଁ ଦ୍ୱନ୍ଦ୍ୱରେ
କୁହେଳିକା ଛାଇଯାଏ ଯେବେ ସନ୍ଦେହରେ
ଧୂମକେତୁ ଆବିର୍ଭାବ ମନ ଗଗନରେ
ସ୍ଥିର ହୃଦୟ ଚହଲି ଯାଏ କାଳ୍ପନିକ ଭୟରେ ।

ବାନ୍ଧନାହିଁ ସେତୁ ସମ୍ପର୍କର
ସ୍ୱଚ୍ଛ ଯେବେ ନାହିଁ ଚିତ୍ତ
ଗୁଣ୍ଡୁଚିର କି ଯାଏ ଆସେ
ହେଲେ ଅବା ହତ ଲଙ୍କାର ନରେଶ
ତଥାପି ପ୍ରୟାସ ତାର
ସମ୍ପର୍କର ସେତୁ ବାନ୍ଧିବାରେ ।

# ସୁଆଣ୍ଡୋର ସନ୍ଥ- ସ୍ମୃତି ସ୍ମରଣ

ମନୋଜ ପଣ୍ଡା, ଗେଥର୍ସବର୍ଗ୍, ମେରୀଲ୍ଣ୍ଡ



ପବିତ୍ର ଭର୍ଗବୀ କଳକଲ୍ଲୋଳିନୀ
ମାନି ଅମାନିନୀ ହାସ୍ୟ ବିନୋଦିନୀ
ତଟେ ବିରାଜିତ ସୁଆଣ୍ଡୋ ଯେ ଗ୍ରାମ
ଓଡିଆ ଜାତିର ପୂତ ତୀର୍ଥ ଧାମ । (୧)
ଅଠରସହ ସତସ୍ତରୀ ଅକ୍ଟୋବରେ
ନବ ଦିନେ ଜନମିଲେ ଭୂମିପରେ
ସ୍ୱର୍ଣ୍ଣମୟୀ ଦୈତାରି ଦାସଙ୍କ ଔରସେ
ସୁଆଣ୍ଡୋର ସନ୍ଥ ଭବରେ ପ୍ରବେଶେ । (୨)

ବାଲୁତ, କୈଶୋର ଗ୍ରାମ ଜୀବନରେ
ଚାଟଶାଳୀ ପାଠ ପଢିଲେ ତତ୍ପରେ
ପୁରୀ ବିଦ୍ୟାଳୟୁ ପଢା ଶୁଣା ସାରି
ରେଭେନ୍ସାୟ୍ ଭବେ ହେଲେ ଡିଗ୍ରୀ ଧାରୀ । (୩)
ହଇଜା, ବାତ୍ୟା, ବନ୍ୟା ମହାମାରୀରେ
ପୀଡିତ ଲୋକଙ୍କ ସେବା କରିଗଲେ
ମୁଖୁଡିଆର ରାମଚନ୍ଦ୍ର ଦାସ ଯେ
ଜାତୀୟବାଦ ମନ୍ତ୍ରେ ଦୀକ୍ଷିତ କଲେ ସେ । (୪)

ଇନ୍ଦ୍ରଧନୁ, ବିଜୁଳି ପରି ପତ୍ରିକାରେ
ସାହିତ୍ୟ ପ୍ରତିଭାର ଉନ୍ମୋଚନ କଲେ
ନିର୍ଭୀକ, ସଂଗ୍ରାମୀ ଦେଶ ସ୍ୱାଧୀନରେ
ବ୍ୟଙ୍ଗ କବିତାରେ ବିଷୋଦ୍ଗାର କଲେ । (୫)
ସାମାଜିକ, ଅର୍ଥନୈତିକ ବ୍ୟବସ୍ଥା
ରାଜନୀତି ପଥେ ସଙ୍ଗେ ଧରି ଆସ୍ଥା
ଜନ ଚେତନାର ଜାଗ୍ରତ ପାଇଁ ଯେ
ଜୀବନ ସଳିତା ଜାଳି ଗଲେ ସେ ଯେ । (୬)

କଲିକତା ବିଶ୍ୱବିଦ୍ୟାଳୟୁ ସ୍ନାତକ-
ଉତ୍ତର ଉପାଧ୍ ଲଭିଲେ ସେ ସ୍ୱତ
ତତ୍ପରେ ଆଇନ୍ ଡିଗ୍ରୀ ପୂର୍ଣ୍ଣ କଲେ
ପୁରୀ କଟକରେ ଓକିଲ ହୋଇଲେ । (୭)

ପରିବାର ପରିଜନ ତ୍ୟାଗ କରି
ଦେଶଦଶ ପାଇଁ ହେଲେ ଅଗ୍ରସରି
ଶିକ୍ଷା ଜଗତରେ କ୍ରାନ୍ତିକାରୀ ରୂପେ
ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରକାଶେ । (୮)

ଆମ୍ର ଚୂତ ତରୁ ତାଳ ଓ ତମାଳ
କୁଞ୍ଜବନେ ବହେ ଜ୍ଞାନର ହିଲ୍ଲୋଳ
ବିଦ୍ୟାର୍ଥୀ ବୌଦ୍ଧିକ ବିକାଶ ପାଇଁ ଯେ
ନବଦିଗନ୍ତର ଆହ୍ୱାନ କଲେ ସେ । (୯)
ମାତୃଭୂମି ପାଇଁ ସହିଲେ କଷଣ
ଜୀବନ ଉତ୍ସର୍ଗ ପର୍ଯ୍ୟନ୍ତ ମରଣ
କାରା କବିତା, ବନ୍ଦୀର ଆତ୍ମକଥା
ଧର୍ମପଦ ପୁଣି ଶୁଣାଇଲ୍ ଗାଥା । (୧୦)

ଅବକାଶ ଚିନ୍ତା ବ୍ରହ୍ମତତ୍ତ୍ୱର ବିଭବ
ଗୋମହାତ୍ମ୍ୟ ପୁସ୍ତକ ଯେ ଅତିଟି ଦୁର୍ଲ୍ଲଭ
ସମାଜ, ସତ୍ୟବାଦୀ ମାନସ ସନ୍ତାନ
ପୁଣ୍ୟଶ୍ଳୋକଙ୍କର କରେ ଗୁଣଗାନ । (୧୧)
କେବଳ ଉତ୍କଳର ମଣିସେ ନୁହନ୍ତି
ଜଗତ ପାଇଁ ସେ ତ୍ୟାଗ ପ୍ରେମ ମୂର୍ତ୍ତି
ସମୟ ଶରତେ ଝରି ପଡିଲେବି
ଯୁଗସ୍ରଷ୍ଟା ସେ ଯେ ଭୁଲି ପାରିବା କି? । (୧୨)

ଓଡିଆ ସ୍ୱାଭିମାନ ବାର୍ତ୍ତାବହ ଯେ ସେ
ଜନ୍ମବାର୍ଷିକୀରେ ନତ ମସ୍ତକ ହୁଏ ହେ
ଶାସ୍ୱତ କୀର୍ତ୍ତିର ମହାନ ନାୟକ
ଚିର ସବୁଜ ଯେ ତୁମର ସ୍ମାରକ । (୧୩)
କର୍ମ, ଧର୍ମ ତୁମ ଅନାବିଳ ସ୍ମୃତି
ଯୁଗେ ଯୁଗେ ଭରୁ ହୃଦୟେ ସମ୍ପ୍ରୀତି
ବିନମ୍ର ଭକ୍ତି ମହାବାହୁଙ୍କ ପୟରେ
କୁସୁମିତ, ପରିପ୍ଲୁତ ହୁଅ ଯୁଗ ଯୁଗାନ୍ତରେ । (୧୪)

# ଅଶ୍ରଦ୍ଧା

ଶିଖଣ୍ଡ ଶତପଥୀ



ଗଳାରେ ତୁମର ଦେଇ ଫୁଲମାଳ,
ମୁଣ୍ଡରେ ଲଗାଇ ଅବିର ସିନ୍ଦୂର

ଯୋଡ ହସ୍ତେ ହସିହସି ବାକ୍ୟବୀର
ଭାଷନ୍ତି ପ୍ରତିଭା ତବ ଅନର୍ଗଳ

ଶୋକସଭା ଏଠି ବସିଛି ଗୋସାଇଁ
ତୁମ ଯଶ କୀର୍ତ୍ତି ଗାଇଯିବା ପାଇଁ

ସତକ ନାମିତ କରିବେ ଆଦରି
କାଲେ କିଏ ଯିବ ତୁମକୁ ପାଶୋରି

ପଚାରିଲି ଯାଇ ଆହେ ନେତାବର
ଏ ଦେଶ ପରା ହେ ଗୋପବନ୍ଧୁଙ୍କର

ଯେଉଁଠି ମିଶିଲା ପାବନ ଶରୀର
ଅମୃତ ସନ୍ତାନ ତୁମେ ସେ ମାଟିର

ନିର୍ବଳ ଏଠାରେ ହୀନିମାନ କିଆଁ
ଅଥଳ ଜଳେ ତା ଉବୁଟୁବୁ ନାଆ

ଏ ମାଟି କାମୁଡି ରହେ ଦୀନହୀନ
ତାର କର୍ମଫଳୁ ତୁମେ ବଳୀୟାନ

ରାଜରାସ୍ତା ପରେ ଦିନ ଦ୍ୱିପହରେ
ରକ୍ତର ଏଠାରେ ହୋଲି ଖେଳ ଚାଲେ

ନାରୀ ଅତ୍ୟାଚାର ନିର୍ଲଜ ଆକ୍ରୋଶ
ଧର୍ମ ଜାତି ନାମେ ଦଣ୍ଡନ୍ତି ନିର୍ଦ୍ଦୋଷ

ଗୁଣ୍ଡା ବଦମାସ ରାଜ ପ୍ରତିଦିନ
ନାଆଁକୁ ମାତର ଆଇନ କାନୁନ

ନିଜ ସ୍ୱାର୍ଥେ ଗଲ ଇହ ପର ଭୁଲି
ମଣିଷ ପଣିଆ ଗଲାଣି ଉଜୁଡି

ପଛଘୁଞ୍ଚା କିଆଁ ଦିଅ ବୀରବର
ପରାଣ ଆତଙ୍କେ ହୁଅ କଲବଲ

ତେଜି ଭୀତି ଧର ନିର୍ବଳାର ହାତ
ପାଶବିକ ପୃଷ୍ଟେ ଚଳାଅ ଚାବୁକ

ପୂଜା ବନ୍ଦ କରି ନାମ ସମ୍ପର୍କର
ଦିଅ ପରିଚୟ ମଣିଷ ପଣର

ତେବେ ଗୋପବନ୍ଧୁ ଢାଳିବେ ଆଶିଷ
ଲଭିବେ ପୁଣ୍ୟାତ୍ମା ଶାନ୍ତି ଓ ଉଲ୍ଲାସ

# କେତେ ଯେ କବିତା

ବିଜ୍ଞାନୀ ଦାସ



କେତେ ଯେ କବିତା ପବନେ ଭାସୁଛି
   ମନ ହୋଇଯାଏ ରୁନ୍ଧି
କଅଣ ପଢିବି  କଅଣ ଛାଡିବି
   ହୁଏ ଅହରହ ଧନ୍ଦି ।୧।

କରୋନା ସମୟ  ଆଣିଦେଲା ଚିନ୍ତା
   ସଭିଙ୍କ ହୃଦୟେ ଭୟ
କାହା ସଙ୍ଗେ ବସି  ଦୁଃଖ ବାଣ୍ଟିବି ମୁଁ
   ଢାଳିବି କା ଆଗେ ଲୁହ ? ।୨।

ଛୁଇଁବାକୁ ମନା  ଦେଖିବାକୁ ମନା
   ବସିବାକୁ ମନା ପାଶେ
ସାଙ୍ଗସାଥୀ ମେଳ  ନାଚ, ଗୀତ, ଗୋଳ
   ସବୁ ହୁଏ ବିନା ସ୍ପର୍ଶେ ।୩।

ମୁଖାପିନ୍ଧା ମୁହଁ ଦେଖିଦେଲେ କିଂପା
   ମନ ମୋର ଯାଏ ମରି
ଏତେ ହୀନିମାନ ସତରେ ଜୀବନ
   ହୋଇଲାଣି ଏତେ ସରି ।୪।

ସେଥିପାଇଁ ଏବେ ସଭିଏଁ ଲେଖନ୍ତି
   ଆପଣା ଚିନ୍ତା ବଖାଣି
ଚିନ୍ତା ବାଣ୍ଟିବାର ଏ ଦୁର୍ଲଭ ବେଳା
   କେବେ ବା ଆସିବ ପୁଣି ।୫।

ମୋବାଇଲ୍ ଫୋନ୍  ଟେକ୍ସ୍ଟ୍, ଇମେଲ୍
   ସବୁଠି ଫୋପଡା ଲେଖା
କିଏ ଅବା ଆଉ କେତେ ଯେ ପଢିବ
   ଅନେକ ରହେ ଅଦେଖା ।୬।

ରସଗୋଲା ଯିଏ ଭଲପାଏ ସେତ
   ଖାଇଯିବନି ମେଞ୍ଚାଏ
ସବୁ ଜିନିଷର ସୀମା ନିର୍ଦ୍ଧାରିତ
   ସୃଷ୍ଟିର ନିୟମ ଇଏ ।

କେତେ ଯେ କବିତା  ଆସେ ଭାବନାରେ
   ସବୁ ହୁଏନାହିଁ ଲେଖି
କରୋନା ଘଟଣା   କରେ ଆନମନା
   ହୃଦୟ ହୁଏ ସନ୍ତାପି ।୭।

ଭାବନାରୁ କିଛି   ମଉଳି ଯାଆନ୍ତି
   ହୁଅନ୍ତି ହୃଦେ ବିଲୀନ
କିଛି ପୁଣି ଉଙ୍କି   ମାରି ବିକଶନ୍ତି
   କରି ଶୋଭା ବିକିରଣ ।୮।

ସେ କବିତା ଯେବେ, ପଢେ ମୁଁ ନୀରବେ
   ନିଜେ ଚମତ୍କୃତ ହୁଏ
ଦୁନିଆରେ ଯେତେ  ଥିଲେ ଲେଖା ଥାଉ
   ମୋ ଭାବନା ସମ ନୁହେଁ ।୯।

ସଭିଙ୍କ ହୃଦୟ     ଚିନ୍ତା ଅଦ୍ୱିତୀୟ
   ତାର ସରି ସମ ନାହିଁ
ଯେତେ ବି କବିତା ଯିଏ ଲେଖୁ ପଛେ
   ନିଜ ଲେଖା ନିଜ ଛାଇ ।୧୦।

ଆପଣା ସନ୍ତାନ   ଆପଣାର ସୃଷ୍ଟି
   ଆପଣାର ମନୋଭାବ
ଆପଣା କବିତା   ଆପଣାର ବନ୍ଧୁ
   ଅତି ଦୁର୍ଲଭ ବିଭବ ।୧୧।